# ଲକ୍ଷ୍ନୌରେ ମୋଦି

ତା.୦୨.୦୩.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଆଜି ନରେନ୍ଦ୍ର ମୋଦିଙ୍କର ଲକ୍ଷ୍ନୌରେ ହୋଇଥିବା ର୍‍ୟାଲି ଖୁବ ଆଶ୍ଚର୍ଯ୍ୟ ଜନକ ଭାବରେ ଜନ ସମର୍ଥନ ଲାଭ କରିଅଛି । କଥାରେ ଅଛି ଦିଲ୍ଲୀକୁ ଯିବାକୁ ହେଲେ ପ୍ରଥମେ ଉତ୍ତର ପ୍ରଦେଶ ଦେଇ ଯିବାକୁ ହୁଏ । କାରଣ ଏହା ଦେଶର ବୃହତ୍ତମ ରାଜ୍ୟ ଏବଂ ଲୋକସଭାକୁ ୮୦ଟି ଆସନ ଦେଇଥାଏ । ୧୯୯୦ ରେ ବି.ଜେ.ପି ଉତ୍ତର ପ୍ରଦେଶରେ ସର୍ବାଧିକ ଆସନ ଲାଭ କରିଥିଲା । ୧୯୯୧ ର ସାଧାରଣ ନିର୍ବାଚନରେ ଅବିଭାଜ୍ୟ ଉତ୍ତର ପ୍ରଦେଶର ମୋଟ ୮୫ଟି ଆସନ ମଧ୍ୟରୁ ବି.ଜେ.ପି ୫୨, ୧୯୯୬ରେ ତାହା ୫୮(ଆଉ ୨ ସମର୍ଥକ ଦଳ), ୧୯୯୮ରେ ତାହା୫୦ ଥିଲା ଏବଂ ୧୯୯୯ ରେ ତାହା ୨୯ ଓ ୨୦୦୪ ଓ ୨୦୦୯ ନିର୍ବାଚନରେ ଏହା ପାଖାପାଖି ୧୦ ଥିଲା । ବି.ଜେ.ପିକୁ ଦିଲ୍ଲୀରେ ସରକାର ଗଠନ କରିବାକୁ ହେଲେ ତାହାକୁ ଉତ୍ତର ପ୍ରଦେଶରେ ୧୯୯୦ ମସିହାର ସ୍ଥିତିକୁ ଆସିବାକୁ ହେବ ।

ଉତ୍ତର ପ୍ରଦେଶରେ ପ୍ରାୟତଃ ବି.ଜେ.ପି, ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟି ମଧ୍ୟରେ ପ୍ରତିଦ୍ୱନ୍ଦିତା ହୁଏ । ୨୦୦୯ ନିର୍ବାଚନରେ କଂଗ୍ରେସର ୨୨ ଟି ଆସନ ଅଧିକ ହୋଇଥିଲା । ହେଲେ ବର୍ତ୍ତମାନ କଂଗ୍ରେସର ଅବସ୍ଥା ଏକ ସନ୍ତୁଳିତ ଅବସ୍ଥା ହୋଇ ରହିବାର ସମ୍ଭାବନା ଦେଖା ଦେବା ସହ ଆମ ଆଦମୀ ପାର୍ଟି ଆଜି ଜନତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଅଛି ।

ବି.ଏସ.ପି ଓ ଏସ.ପି ର ସରକାର ଚଳାଇବାର ସମୟ କାଳ ଏକ ଦୁର୍ଭାଗ୍ୟପୂର୍ଣ୍ଣ କହିଲେ ଭୁଲ ହେବନାହିଁ । ସେମାନେ କ୍ଷମତାରେ ଥିବା ବେଳେ ନୀତି ନିୟମ ତଥା ଆଇନ କାନୁନ ବୋଲି କିଛି ନଥିବା ସହ ରାଜ୍ୟରେ ସାମାଜିକ ଓ ସାମ୍ପ୍ରଦାୟିକ ଦଙ୍ଗା ବୃଦ୍ଧି ପାଇଅଛି । ଗତ ୧୦ ବର୍ଷ ମଧ୍ୟରେ ଉଭୟ ଦଳର ସମର୍ଥନ ବଳରେ ହିଁ ଉପା କ୍ଷମତାସୀନ ହୋଇରହିଅଛି । ଉପା ସେମାନଙ୍କର ଦୁର୍ନୀତି ସମ୍ପର୍କୀୟ କିଛି କେଶ ସି.ବି.ଆଇ ମାଧ୍ୟମରେ ପର୍ଦ୍ଦାଫାଶ କରିବାର ଭୟ ଦେଖାଇ ତାଙ୍କ ସମର୍ଥନ ନେଇ ଚାଲିଛି।

ହେଲେ ଆଜି ଉତ୍ତର ପ୍ରଦେଶର ଜନତାଙ୍କ ପାଖରେ ଏକ ବିରାଟ ପରିବର୍ତ୍ତନ ସ୍ପଷ୍ଟ ଦୃଶ୍ୟମାନ ହୁଏ । ସେଠାରେ ନରେନ୍ଦ୍ର ମାଦିଙ୍କ ଦ୍ୱାରା ସମ୍ବୋଧିତ ୮ଟି ର୍‍ୟାଲିର ମଧ୍ୟ ବିରାଟ ପ୍ରଭାବ

ପଡ଼ିଅଛି । ଆଜି ଉତ୍ତର ପ୍ରଦେଶ ପାଖରେ ସମସ୍ୟା ହେଉଛି ଶାସନ ଚଳାଇବା । ରାଜ୍ୟରେ ଆଜି ଆଶାବାଦୀ ରାଜନୀତିର  ଉଦ୍ଭବ ହୋଇଅଛି ଓ ରାଜନୀତିରେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବରେ ପରିବର୍ତ୍ତନ ଦେଖା ଦେଇଛି । ମୋଦି ତାଙ୍କ ଭାଷଣ ପ୍ରସୂନ ଯୋଶୀଙ୍କ କବିତାରେ ସଂଗ କରିବା ସମୟରେ ମୋର ୧୯୭୭ ମସିହାରେ ହୋଇଥିବା ସାଧାରଣ ନିର୍ବାଚନରେ ଯେଉଁଠି ବକ୍ତାମାନେ ଦୀନଙ୍କର ଜୀଙ୍କ ବିଖ୍ୟାତ କବିତାର ଧାଡ଼ି ଆବୃତ୍ତି କରି ବକ୍ତବ୍ୟ ସଂଗ କରୁଥିଲେ ସେ କଥା ମନେ ପଡ଼ିଥିଲା । ତାହା ଥିଲା ‘‘ ସିଂହାସନ ଖାଲି କରୋ ଜନତା ଆତି ହୈ ’’